# NATIONAL NEWS BULLETIN (ODIA)
## 23 June - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୬୫ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କଲେ ରାଷ୍ଟ୍ରପତି
- ୨୦୪୭ ବିକଶିତ ଭାରତ ଯାତ୍ରାର ନେତୃତ୍ୱ ନେବାକୁ ଯୁବ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ
- 'ମାଇ ଭାରତ' ଅଭିଯାନ ଅଧୀନରେ ଦେଶବ୍ୟାପୀ ଆୟୋଜିତ ହେବ 'ବନ୍ଦେ ମାତରମ୍ ଶିବିର'

– କୋଲକାତାଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟ ଶିବିର

ଏବଂ

- ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ପର୍ତ୍ତୁଗାଲ ଓ ଉଜ୍‌ବେକିସ୍ତାନ ପରସ୍ପରକୁ ଭେଟିବେ

# ପଦ୍ମ ଆୱାର୍ଡସ୍-ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଏହି ପର୍ଯ୍ୟାୟରେ ୬୫ଜଣଙ୍କୁ ସମ୍ମାନିତ କରାଯାଇଛି। ସେଥିମଧ୍ୟରେ ଦୁଇଟି ପଦ୍ମ ବିଭୂଷଣ, ୭ଟି ପଦ୍ମ ଭୂଷଣ ଏବଂ ୫୬ଟି ପଦ୍ମଶ୍ରୀ ସମ୍ମାନ ଅନ୍ତର୍ଭୁକ୍ତ । ବିଶିଷ୍ଟ ଟେନିସ୍ ଖେଳାଳି ବିଜୟ ଅମୃତ ରାଜ, ଚଳଚ୍ଚିତ୍ର ଅଭିନେତା ମାମୁଟ୍ଟି, ପ୍ରଚ୍ଛଦପଟ୍ଟ ଗାୟିକା ଅଲ୍‌କା ୟାଗନିକ୍ ଏବଂ କ୍ରିକେଟ୍‌ର ରୋହିତ ଶର୍ମା ପ୍ରମୁଖ ସମ୍ମାନିତ ହୋଇଛନ୍ତି। କଳା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ବ୍ୟାପାର, ବିଜ୍ଞାନ ଏବଂ ବୈଷୟିକ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା ଓ ନାଗରିକ ସେବା ଭଳି ବିଭିନ୍ନ ବିଭାଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟେକ ବର୍ଷ ତିନୋଟି ବର୍ଗ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ । ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଘୋଷିତ ୧୩୧ଟି ପଦ୍ମ ପୁରସ୍କାର ଘୋଷିତ ହୋଇଥିଲା। ସେଥିମଧ୍ୟରେ ୫ଟି ପଦ୍ମ ବିଭୂଷଣ, ୧୩ଟି ପଦ୍ମଭୂଷଣ, ୧୧୩ଟି ପଦ୍ମଶ୍ରୀ ଅନ୍ତର୍ଭୁକ୍ତ। ପ୍ରଥମ ପର୍ଯ୍ୟାୟ ପୁରସ୍କାର ସମାରୋହ ପୂର୍ବରୁ ଅନୁଷ୍ଠିତ ହୋଇସାରିଛି ।

# ପିଏମ୍ ନାଗରିକ ଦେବୋଭବ

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ଯାତ୍ରାର ନେତୃତ୍ୱ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବ ପ୍ରଶାସନିକ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀରେ ଆଜି ଭାରତୀୟ ପ୍ରଶାସନିକ ସେବା– ୨୦୨୪ ବ୍ୟାଚ୍‌ର ୧୮୩ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ମତବିନିମୟ ବେଳେ ଶ୍ରୀ ମୋଦୀ ଏହା କହିଛନ୍ତି। ନାଗରିକ ଦେବୋଭବ ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି, ନାଗରିକଙ୍କୁ ଶାସନର କେନ୍ଦ୍ର ରଖିବାର ଆବଶ୍ୟକତା ରହିଛି। ଦୂରଦୃଷ୍ଟି ସହ ନବସୃଜନ, ନାଗରିକ କୈନ୍ଦ୍ରିକ ଶାସନ ଚିନ୍ତାଧାରା ସହିତ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗ କରିବାକୁ ଏହି ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି। ଭବିଷ୍ୟତରେ ପ୍ରତ୍ୟେକ ନୀତି ପ୍ରଶାସନିକ ନିଷ୍ପତ୍ତି ବିକଶିତ ଭାରତ ଗଠନ ଦୃଷ୍ଟିକୋଣ ନେଇ କାର୍ଯ୍ୟକାରୀ ହେବା ଉଚିତ ବୋଲି ଶ୍ରୀ ମୋଦୀ କହିଛନ୍ତି। ଆତ୍ମନିର୍ଭର ଭାରତ, 'ମେକ ଇନ୍ ଇଣ୍ଡିଆ', ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି, ଶକ୍ତି ସୁରକ୍ଷା ଏବଂ ଯୁବବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟିକୁ ପ୍ରାଥମିକତା ପ୍ରଦାନ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବ୍ୟାଚ୍‌ରେ ୪୦ ପ୍ରତିଶତରୁ ଅଧିକ ମହିଳା ଅଧିକାରୀଙ୍କ ଉପସ୍ଥିତି ରାଷ୍ଟ୍ର ନିର୍ମାଣରେ ମହିଳାଙ୍କର ବର୍ଦ୍ଧିତ ଅଂଶଗ୍ରହଣକୁ ଆଲୋକପାତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

## ଗଭ୍– ଏଗ୍ରି

ଦେଶରେ ସାର କ୍ଷେତ୍ରରେ ସରକାର ଅନେକ ଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ପ୍ରଫେସର ଏସ୍.ମହେନ୍ଦ୍ରଦେବ କହିଛନ୍ତି। ନୂଆଦିଲ୍ଲୀଠାରେ ଆଜି ଏକ ସମାବେଶକୁ ସମ୍ବୋଧନ କରି ସେ କହିଛନ୍ତି, ଜାତୀୟ ଆୟର ପ୍ରାୟ ୧ ପଞ୍ଚମାଂଶ କୃଷି କ୍ଷେତ୍ରରୁ ଆସିଥାଏ। ଏଥିସହ ୪୩ ପ୍ରତିଶତ ଶ୍ରମ ଶକ୍ତିକୁ କୃଷି କ୍ଷେତ୍ର ଜୀବିକା ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ଗତ ୨୦୨୪ ଆର୍ଥିକ ବର୍ଷରେ ଶେଷ ହୋଇଥିବା ଦଶନ୍ଧିରେ ଦେଶର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ହାରାହାରି ବାର୍ଷିକ ରେକର୍ଡ ପରିମାଣ ୪ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ପଶୁପାଳନ ଏବଂ ମତ୍ସ୍ୟଚାଷ ବାର୍ଷିକ ପ୍ରାୟ ୭ ପ୍ରତିଶତ ବୃଦ୍ଧି ପାଇଥିବା ଶ୍ରୀ ଦେବ କହିଛନ୍ତି। ନିରନ୍ତର ସାର ଯୋଗାଣ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପୁଷ୍ଟିକର ଆଧାରିତ ରିହାତି ବ୍ୟବସ୍ଥା ଦ୍ୱାରା ଦେଶର କୃଷି କ୍ଷେତ୍ର ଗତିଶୀଳ ହୋଇପାରିଛି ବୋଲି ଶ୍ରୀ ଦେବ କହିଛନ୍ତି।

## ଇଣ୍ଡିଆ–ମଙ୍ଗୋଲିଆ

ଭାରତ–ମଙ୍ଗୋଲିଆ ସମ୍ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଥିବା ମଙ୍ଗୋଲ ରିଫାଇନାରୀ ପ୍ରକଳ୍ପକୁ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ପରିଦର୍ଶନ କରିଛନ୍ତି। ତାଙ୍କ ସହ ମଙ୍ଗୋଲିଆ ପ୍ରତିପକ୍ଷ

ବାତ୍‌ସେତସେକ୍ ବଟମୁଙ୍କ୍ ଏବଂ ଶିଳ୍ପ ଓ ଖଣି ମନ୍ତ୍ରୀ ଗୋଙ୍ଗୋର ଡାମ୍‌ଡିନ୍ୟାମ୍ ଏହି ଗସ୍ତରେ ଯାଇଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ବନ୍ଧୁତ୍ୱ ଆଧାରିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି।  ଡକ୍ଟର ଜୟଶଙ୍କର ପ୍ରକଳ୍ପ ସ୍ଥଳରେ ଭାରତୀୟ ଏବଂ ମଙ୍ଗୋଲିଆର କାର୍ଯ୍ୟରତ କର୍ମଚାରୀଙ୍କ ସହ ମତବିନିମୟ କରିଛନ୍ତି। ମଙ୍ଗୋଲିଆକୁ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସେଠାକାର ମନ୍ତ୍ରୀ ତଥା ମୁଖ୍ୟ କ୍ୟାବିନେଟ୍ ସଚିବ ବାଟୁମୁର୍ ଏଙ୍କବାୟାର୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି।

## ବନ୍ଦେ ମାତରମ୍ କାମ୍ପ

'ମାଇ ଭାରତ' ଅଭିଯାନ ଅଧୀନରେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ 'ବନ୍ଦେ ମାତରମ୍' ଶିବିରର ଆୟୋଜନ କରାଯିବ। ଦେଶର ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଯୁବବର୍ଗଙ୍କୁ ଅଧିକ ସଚେତନ କରାଇବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି। ଏଥିପାଇଁ ଚିହ୍ନଟ ହୋଇଥିବା ଜିଲ୍ଲାଗୁଡ଼ିକରେ ୨୦ଟି ଶିବିର ସ୍ଥାପନ କରାଯିବ। ୬ଟି ରାଜ୍ୟର ୧୫ରୁ ୨୯ ବର୍ଷ ବୟସ୍କ ୧୫୦ ଜଣ ଯୁବ ଅଂଶଗ୍ରହଣକାରୀ ପ୍ରତ୍ୟେକ ଶିବିରରେ ଯୋଗଦେବେ।  ସେମାନଙ୍କ ମଧ୍ୟରେ ୫୦ ପ୍ରତିଶତ ମହିଳା ଏବଂ ପଛୁଆବର୍ଗର ସଦସ୍ୟ ଅନ୍ତର୍ଭୁକ୍ତ ହେବେ। ପ୍ରଥମ ପର୍ଯ୍ୟାୟ ଶିବିର ଆସନ୍ତାକାଲିଠାରୁ ଚଳିତ ମାସ ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର

କୋଲକାତାଠାରେ ଅନୁଷ୍ଠିତ ହେବ। ମନ୍ତ୍ରଣାଳୟ କହିଛି, ଏହି ଶିବିରଗୁଡ଼ିକରେ ପ୍ରାୟ ୩ ହଜାର ଯୁବକ, ଯୁବତୀ ଯୋଗଦେବେ। ସେମାନଙ୍କୁ ସାମ୍ବିଧାନିକ ମୂଲ୍ୟବୋଧ, ସାଂସ୍କୃତିକ ଆଦାନ ପ୍ରଦାନ, ନେତୃତ୍ୱ ବିକାଶ ଏବଂ ପ୍ରମୁଖ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଯିବ ବୋଲି ମନ୍ତ୍ରଣାଳୟ କହିଛି।

## ଏନ୍‌ଟିଏ– ସିୟୁଇଟି ୨୦୨୬ ରେଜଲ୍ଟ

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ମିଳିତ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା– ସି.ୟୁ.ଇ.ଟି-୨୦୨୬ ଫଳାଫଳ ପ୍ରକାଶ ପାଇଛି। ସି.ୟୁ.ଇ.ଟି. ପୋର୍ଟାଲ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କର ସ୍କୋରକାର୍ଡ ପାଇପାରିବେ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ କହିଛି। ଏହି ପରୀକ୍ଷା ପାଇଁ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧୧ ଲକ୍ଷରୁ ଅଧିକ ପରୀକ୍ଷା ଦେଇଥିଲେ ବୋଲି ଏନ୍.ଟି.ଏ. କହିଛି। ଗତ ମାସ ୧୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ସି.ବି.ଟି. ମୋଡରେ ଏହି ପରୀକ୍ଷା ଦେଶର ୩୨୧ଟି ସହର ଏବଂ ବିଦେଶର ୧୩ଟି ସ୍ଥାନରେ ୩୫ଟି ପର୍ଯ୍ୟାୟରେ ୧୯ ଦିନ ଧରି ଅନୁଷ୍ଠିତ ହୋଇଥିବା ନେଇ ଏନ୍.ଟି.ଏ. କହିଛି।

## ଟ୍ରମ୍ପ–ଇରାନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ତେହେରାନ ଏହାର ପରମାଣୁ ଭିତ୍ତିଭୂମିର ଦୀର୍ଘକାଳୀନ ଏବଂ ବ୍ୟାପକ ତଦାରଖ ପାଇଁ ସହମତି ପ୍ରଦାନ କରିଛି। ଏଥିସହ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରତିବନ୍ଧକକୁ ଦୂର କରିବାରେ ୱାଶିଂଟନ ସହଯୋଗ ପ୍ରଦାନ କରିବ। ଆମେରିକାର ଦୃଢ଼ ତଦାରଖ ଅଧୀନରେ ସେଠାରେ ଆର୍ଥିକ ରିହାତି ପ୍ରଦାନ କରାଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ କହିଛନ୍ତି, ପଶ୍ଚିମ ଏସିଆରେ ସଂଘର୍ଷ ସମାପ୍ତ ତଥା ଶାନ୍ତି ପ୍ରତିଷ୍ଠା ନେଇ ଏହା ସହାୟକ ହେବ। ଏହି କୂଟନୈତିକ ଆଲୋଚନାରେ ଇରାନ୍ ପ୍ରତିନିଧି ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାକାଇ କୌଣସି ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ଦ୍ୱାରା ଇରାନ୍‌ର ପରମାଣୁ ବ୍ୟବସ୍ଥାଗୁଡ଼ିକର ତଦାରଖ ପାଇଁ ସହମତି ପ୍ରଦାନ କରାଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସୁଇଜରଲାଣ୍ଡରେ ଚାଲିଥିବା ଆମେରିକା–ଇରାନ୍ ସିଧାସଳଖ ଦ୍ୱିପାକ୍ଷିକ ଆଲୋଚନାର ପ୍ରଥମ ପର୍ଯ୍ୟାୟରୁ ଏହି ସୂଚନା ମିଳିଛି।

## ନୀତି ଆୟୋଗ ରିପୋର୍ଟ

ଭାରତର ସମୁଦାୟ ବାଣିଜ୍ୟ ଅଭିବୃଦ୍ଧି ଗତ ତିନି ମାସରେ ୫ ଦଶମିକ ୪ ପ୍ରତିଶତ ହୋଇଥିବାର ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର

ଅଶୋକ କୁମାର ଲାହିରି କହିଛନ୍ତି। ନୂଆଦିଲ୍ଲୀରେ ତ୍ରୈମାସିକ 'ଟ୍ରେଡ୍ ଓ୍ୱାଚ୍'ର ସଦ୍ୟତମ ସଂସ୍କରଣକୁ ଉନ୍ମୋଚନ କରି ଡକ୍ଟର ଲାହିରି ଏହା କହିଛନ୍ତି। ସେ କହିଛନ୍ତି, ଭାରତର ରପ୍ତାନୀ ଶେଷ ତିନି ମାସରେ ୧ ଦଶମିକ ୮/୪ ଟ୍ରିଲିୟନ୍ ଡଲାରରେ ପହଁଞ୍ଚିଥିବା ବେଳେ ଆମଦାନୀ ୬ ଦଶମିକ ୫ ପ୍ରତିଶତକୁ ବୃଦ୍ଧି ପାଇଛି। ଶ୍ରୀ ଲାହିରି' ପଶ୍ଚିମ ଏସିଆର ପରିସ୍ଥିତି ଅସ୍ଥାୟୀ ଏବଂ ସେଠାରେ ଖୁବ୍‌ଶୀଘ୍ର ସ୍ୱାଭାବିକତା ଫେରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଫିଫା ଓ୍ୱାର୍ଲଡ କପ୍

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନିତ ହେବା ପାଇଁ ଅଂଶଗ୍ରହଣକାରୀ ଦଳଗୁଡ଼ିକ ପକ୍ଷରୁ ଜୋର୍‌ସୋର୍ ପ୍ରୟାସ ଜାରି ରହିଛି। ଆଜି ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ରାତି ସାଢ଼େ ୧୦ଟାରେ ପର୍ତ୍ତୁଗାଲ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ। କଲମ୍ବିଆ' କଙ୍ଗୋକୁ ଭେଟିବାକୁ ଥିବା ବେଳେ ବୋଷ୍ଟନ୍‌ଠାରେ ରାତି ସାଢ଼େ ଗୋଟାଏରେ ଇଂଲଣ୍ଡ ଓ ଘାନା ମଧ୍ୟରେ ମ୍ୟାଚ୍ ଖେଳାଯିବ। କାନାଡ଼ାର ଟରୋଣ୍ଟୋଠାରେ କ୍ରୋଏସିଆ ଏବଂ ପାନାମା ପରସ୍ପରକୁ ଭେଟିବେ। ଇତିମଧ୍ୟରେ ଆର୍ଜେଣ୍ଟିନା, ଫ୍ରାନ୍ସ ଏବଂ ନରଓ୍ୱେ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛନ୍ତି।

## ଆଇଏମ୍‌ଡି-ଓ୍ୱେଦର

ଦିଲ୍ଲୀ, ହରିୟାଣା, ଚଣ୍ଡିଗଡ଼ ଏବଂ ପଶ୍ଚିମ ଉତ୍ତରପ୍ରଦେଶରେ ଆସନ୍ତାକାଲି ପର୍ଯ୍ୟନ୍ତ ଧୂଳିଝଡ଼ ସହ ୬୦ରୁ ୭୦ କିଲୋମିଟର ବେଗରେ ପବନ ବହିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଓଡ଼ିଶା ସମେତ ଆସାମ, ମେଘାଳୟ, ଆଭ୍ୟନ୍ତରୀଣ କର୍ଣ୍ଣାଟକ, ମଧ୍ୟ ମହାରାଷ୍ଟ୍ର, ତେଲଙ୍ଗାନା, ପଶ୍ଚିମବଙ୍ଗର ଉପ ହିମାଳୟ ଅଞ୍ଚଳ ଏବଂ ସିକିମ୍‌ରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି।